# ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, କୁନାଗଡ

ପତ୍ର ସଂଖ୍ୟା. ୧୪୬ ତା. ୩୧.୦୪.୨୦୨୬

## ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ପ୍ରକଳ୍ପ ଅଧିନରେ ଦାସୀଗାଁ-୧, ମୁଣ୍ଡରାଗୁଡା ଓ ଚରବାହଲ-୪ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦବୀ ଖାଲି ଅଛି । ଖାଲି ଥିବା ପଦବୀ ପୂରଣ ନିମନ୍ତେ ଇଚ୍ଛୁକ ମହିଳା ପ୍ରାର୍ଥୀନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଦାଖଲର ସମୟ ସୀମା ତା.୦୩।୦୯।୨୦୨୬ ଠାରୁ ତା.୧୭।୦୯।୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଏଣୁ ଇଚ୍ଛୁକ ପ୍ରାର୍ଥୀନୀମାନେ **Online Portal (http://engagement-awc.odisha.gov.in/landing)** ମାଧ୍ୟମରେ ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର upload କରି ଆବେଦନ କରି ପାରିବେ । ଏହି **Portal** ମଧ୍ୟ ରେ ଥିବା **Public signup** ରେ **User Id** ଓ **Password**ସୃଷ୍ଟି କରି **Public login** ରେ ଧାର୍ଯ୍ୟ ତାରିଖ ମଧ୍ୟ ରେ ଆବେଦନ କରି ପାରିବେ ।

**ତତ ସଙ୍ଗେ ସଙ୍ଗେ ପ୍ରାର୍ଥିନୀ ମାନଙ୍କୁ ଜଣାଇ ଦିଆଗଲା ଯେ ଦାସୀଗାଁ-୧, ମୁଣ୍ଡରାଗୁଡା ଓ ଚରବାହଲ-୪ ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି କର୍ମୀ ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀନୀମାନଙ୍କ** ମୂଳ ପ୍ରମାଣ ପତ୍ରର ତନଖି ତା ୧୮।୦୯।୨୦୨୫ ରିଖ ସକାଳ ଘ:୧୧.୦୦ ରେ ଏହି କାର୍ଯ୍ୟାଳୟରେ କରାଯିବ । ସମସ୍ତ ଆବେଦନକାରୀ ଧାର୍ଯ୍ୟ ତାରିଖ ଦିନ ସମସ୍ତ ମୂଳ ପ୍ରମାଣ ପତ୍ର (certificate) ଓ କାଗଜାତ୍ ସହ ତନଖି ନିମନ୍ତେ ଉପସ୍ଥିତ ରହିବେ ।

**ଶିଶୁ ବିକାଶ ଯୋଜନା ଅଧିକାରୀ**
**କୁନାଗଡ**

ଖାଲିଥିବା କେନ୍ଦ୍ରର ନାମ ଏବଂ କର୍ମୀଙ୍କ ପାଇଁ ଆବଶ୍ୟକ ହେଉଥିବା ଯୋଗ୍ୟତାଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା ।

| କ୍ର. ସଂ. | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ଗ୍ରାମ ପଞ୍ଚାୟତର ନାମ |
|---|---|---|
| ୧ | ଦାସୀଗାଁ-୧ | ଦାସୀଗାଁ |
| ୨ | ମୁଣ୍ଡରାଗୁଡା | ମୁଣ୍ଡରାଗୁଡା |
| ୩ | ଚରବାହଲ-୪ | ଚରବାହଲ |

ଅଙ୍ଗନୱାଡି କର୍ମୀ ପାଇଁ ସର୍ତ୍ତାବଳୀ ।

୧. ପ୍ରାର୍ଥିନୀ, ସମ୍ପୃକ୍ତ କେନ୍ଦ୍ର ର (service area) ର ବାସିନ୍ଦା ହୋଇ ଥିବା ଆବଶ୍ୟକ । ଯଦି (service area)ରୁ କୌଣସି ଉପଯୁକ୍ତ ପ୍ରାର୍ଥିନୀ ନ ଥିଲେ, ସମ୍ପୃକ୍ତ କେନ୍ଦ୍ରର ଗ୍ରାମ ର ପ୍ରଥିନୀ କୁ ଚୟନ କରାଯିବ ଓ ଯଦି ଗ୍ରାମ ରେ ମଧ୍ୟ ଉପଯୁକ୍ତ ପ୍ରାର୍ଥିନୀ ନ ଥିଲେ ତାହା ହେଲେ ସମ୍ପୃକ୍ତ କେନ୍ଦ୍ରର ଗ୍ରାମ ପଞ୍ଚାୟତ ରୁ ପ୍ରଥିନୀ କୁ ଚୟନ କରାଯିବ ।

୨. ପ୍ରାର୍ଥିନୀ ଙ୍କ ବୟସ ସୀମା ତା.୧.୧.୨୦୨୬ ସୁଦ୍ଧା ୧୮ ବର୍ଷ ରୁ ୩୫ ବର୍ଷ ମଧ୍ୟରେ ହୋଇ ଥିବା ଆବଶ୍ୟକ।

୩. ପ୍ରାର୍ଥିନୀ ଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବ ନିମ୍ନ +୨ ପାସ ହୋଇଥିବା ଆବଶ୍ୟକ ।

୪. +୨ ଏବଂ ତଦୂର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥିଲେ ସମ୍ପୃକ୍ତ ପ୍ରମାଣ ପତ୍ର ଦାଖଲ କରନ୍ତୁ ।

୫. ପ୍ରାର୍ଥୀନୀ ବିଧବା, ଛାଡପତ୍ର(ସରକାରଙ୍କ କୋର୍ଟରେ), ନିଃସହାୟ, ନିରାଶ୍ରୟ, ବିକଳାଙ୍ଗ ଏବଂ ଅସହାୟ ଅବିବାହିତ ଅନାଥ ମହିଳା ୧୮ ରୁ ୩୫ବର୍ଷ ମଧ୍ୟ ରେ ହୋଇ ଥିଲେ ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସମ୍ପୃକ୍ତ ପ୍ରମାଣ ପତ୍ର upload କରିବେ ।

୬. ଓଡିଆ ଭାଷାଗତ ଜ୍ଞାନ ନ ଥିଲେ ଚୟନ କରାଯିବ ନାହିଁ ।

୭. ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନକାରୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ । ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇ ପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହି ସ୍ଥାନରେ ଯୋଡାଯିବ ଏବଂ ସେହି ଅନୁଯାୟୀ ଶତକଡା ଗଣନା କରାଯିବ। ଉପରୋକ୍ତ ବ୍ୟତିତ ନିମ୍ନଲିଖିତ ବର୍ଗଗୁଡିକୁ ଅତିରିକ୍ତ ପଏଣ୍ଟ ପ୍ରଦାନ କରିବା ସହ ଅଗ୍ରାଧିକାର ପ୍ରଦାନ କରାଯିବ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ | ୧୦ |
| ୪ | ନିରାଶ୍ରୟ/ ଛାଡପତ୍ର ପ୍ରାପ୍ତ / ପରିତ୍ୟକ୍ତା ମହିଳା | ୫ |
| ୫ | ଯଦି ପ୍ରାର୍ଥିନୀ +୨ ପାସରୁ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି | ୫ |

**ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣ ପତ୍ର -**

**୧. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର (certificate) ଓ ମାର୍କ ସିଟ upload କରିବେ ।**

**୨.ଜାତିଗତ ପ୍ରମାଣପତ୍ର ( Recent within 05 year) upload କରିବେ ।**

**୩. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ( Recent within 05 year) upload କରିବେ ।**

**୪. ବିଧବା, ଛାଡପତ୍ର(ସରକାରଙ୍କ କୋର୍ଟରେ), ନିଃସହାୟ , ନିରାଶ୍ରୟ, ବିକଳାଙ୍ଗ ଏବଂ ଅସହାୟ ଅବିବାହିତ ଅନାଥ ମହିଳା ୧୮ ରୁ ୩୫ବର୍ଷ ମଧ ରେ ହୋଇ ଥିଲେ ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସମ୍ପୃକ୍ତ ପ୍ରମାଣ ପତ୍ର upload କରିବେ ।**

**୫. ପ୍ରାର୍ଥିନୀ ନିଜ ଦସ୍ତଖତ, ନିଜର ଏକ ପାସପୋର୍ଟ ଫଟୋଗ୍ରାଫ ଓ ଆଧାର ନମ୍ବର upload କରିବେ ।**

**ଶିଶୁ ବିକାଶ ଯୋଜନା ଅଧିକାରୀ**
**ଜୁନାଗଡ**

ସର୍ତ୍ତାବଳୀଗୁଡିକ ବୁଝିବାରେ କୌଣସି ଅସୁବିଧା ହେଲେ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ସହ ଯୋଗାଯୋଗ କରି ପାରିବେ ।
**ଯୋଗାଯୋଗ ନଂ-୯୪୩୮୮୮୮୯୨୧**

**ପରିପତ୍ର ସଂଖ୍ୟା .** 947 **ତା.** 31.08.2026

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମ / ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ/ ଗୋଷ୍ଠି ଉନ୍ନୟନ ଅଧିକାରୀ, ଜୁନାଗଡଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ /କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସଂଲଗ୍ନ କରାଗଲା ।

**ଶିଶୁ ବିକାଶ ଯୋଜନା ଅଧିକାରୀ**
**ଜୁନାଗଡ**

**ପରିପତ୍ର ସଂଖ୍ୟା .** 948 **ତା.** 31.08.2026

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ ,ଜୁନାଗଡ/ ଚିକିତ୍ସା ଅଧିକାରୀ ଜୁନାଗଡ/ BSSO, ଜୁନାଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଶିଶୁ ବିକାଶ ଯୋଜନା ଅଧିକାରୀ**
**ଜୁନାଗଡ**

**ପରିପତ୍ର ସଂଖ୍ୟା .** 949 **ତା.** 31.08.2026

ଏହା ର ଏକକିତା ନକଲ ଉପ ଜିଲ୍ଲାପାଳ, ଧର୍ମଗଡ / ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କଳାହାଣ୍ଡିଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଶିଶୁ ବିକାଶ ଯୋଜନା ଅଧିକାରୀ**
**ଜୁନାଗଡ**